## କ୍ୟୁ-ନେଟ୍ ଚିଟ୍‌ଫଣ୍ଡ ମାମଲା

# ୩ ଅଭିଯୁକ୍ତଙ୍କ ଜାମିନ ଆବେଦନ ହାଇକୋର୍ଟରେ ଖାରଜ

କଟକ,୨୯।୬/ଏନ୍‌ଏନ୍‌ଏସ୍: କ୍ୟୁ-ନେଟ୍ ଚିଟ୍‌ଫଣ୍ଡ ମାମଲାରେ ହାଇକୋର୍ଟ ସଂସ୍ଥାର ୩ ବରିଷ୍ଠ ଅଧିକାରୀ ଯଥାକ୍ରମେ ଶରତ ପରିଡ଼ା, ପ୍ରଶାନ୍ତ ମହାଲିକ ଓ ଦେବବ୍ରତ ହରିଚନ୍ଦନଙ୍କ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଏହାକୁ ମିଶାଇ ହାଇକୋର୍ଟରେ ସମସ୍ତ ଅଭିଯୁକ୍ତଙ୍କ ଦ୍ୱିତୀୟଥର ନିମନ୍ତେ ଜାମିନ ଆବେଦନ ଖାରଜ ହୋଇଛି। ସଂସ୍ଥାର ବରିଷ୍ଠ ପାର୍ଟନର ତଥା ମୋଟିଭେଟର ଶ୍ରୀ ପରିଡ଼ା, ଶ୍ରୀ ମହାଲିକ ଓ ଶ୍ରୀ ହରିଚନ୍ଦନ ଓଡ଼ିଶାରେ ବ୍ୟବସାୟ ଚଳାଉଥିବାବେଳେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖାରେ ସଂସ୍ଥା ବିରୋଧରେ ଏକାଧିକ ଅଭିଯୋଗ ହୋଇଥିଲା। ଏପରି ଅଭିଯୋଗ ଆଧାରରେ କ୍ରାଇମବ୍ରାଞ୍ଚ୍ ସେମାନଙ୍କୁ ଗିରଫ କରିଥିଲା।

ଏମାନଙ୍କ ବିରୋଧରେ ୧କୋଟି ୨୯ ଲକ୍ଷ ଟଙ୍କାର ଅର୍ଥ ହେରଫେର ହୋଇଥିବା ନେଇ ଅଭିଯୋଗ ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏହାର ପରିମାଣ ୫୦ କୋଟିକୁ ଛୁଇଁଥିଲା। ମାମଲାର ବିବରଣୀରୁ ପ୍ରକାଶ ଯେ, ହଂକଂର କ୍ୟୁ-ନେଟ କମ୍ପାନୀ ଭାରତରେ ବେଙ୍ଗାଲୁରୁ ସ୍ଥିତ ବିହାନ ଡାଇରେକ୍ଟ ସେଲିଂ(ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ମାଧ୍ୟମରେ ଚେନ୍ ସିଷ୍ଟମ୍ ମାଧ୍ୟମରେ ବ୍ୟବସାୟ ଚଳାଉଥିଲା। ଓଡ଼ିଶାରେ ବେରୋଜଗାର ଯୁବକ ଯୁବତୀଙ୍କୁ ରାତାରାତି ଲକ୍ଷପତି କରାଇ ଦେବାର ସ୍ୱପ୍ନ ଦେଖାଇ ସଂସ୍ଥା ସେମାନଙ୍କ ନିକଟରୁ କୋଟି କୋଟି ଟଙ୍କା ଆଦାୟ କରିଥିବା ଅଭିଯୋଗ ହୋଇଥିଲା। ସଂସ୍ଥା ଜମାକାରୀଙ୍କ ଟଙ୍କା ଫେରସ୍ତ ନକରିବାରୁ କ୍ରାଇମ୍‌ବ୍ରାଞ୍ଚ୍‌ର ଅର୍ଥନୈତିକ ଅପରାଧ ଶାଖା ଏ ନେଇ ମାମଲା ରୁଜୁ କରିଥିଲା। ଏହାପରେ କ୍ରାଇମ୍‌ବ୍ରାଞ୍ଚ୍ ସିନିୟର୍ ପାର୍ଟନର୍ ଶରତ କୁମାର ପରିଡ଼ା, ଦେବବ୍ରତ ହରିଚନ୍ଦନ ଏବଂ ଚନ୍ଦନ ମହଲ୍ଲିକ ପ୍ରମୁଖଙ୍କୁ ଗତ ୨୦୧୯ ମସିହାରେ ଆଇପିସିର ୪୦୬/ ୪୨୦/ ୪୬୬/ ୪୬୮/ ୪୭୧/ ୧୨୦ (ବି) ଓ ପ୍ରାଇସ୍ ଚିଟ୍‌ଂ ଏଣ୍ଡ୍ ମନି ସର୍କୁଲେସନ୍ ଆଇନର ୪/୫/ଓ ୬ ଧାରାରେ ଗିରଫ କରିଥିଲା। ଏହାପରେ କଟକର ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତରେ ଗତ ୨୦୧୯ ସେପ୍ଟେମ୍ବର ୧୮ ତାରିଖରେ ସମସ୍ତ ଅଭିଯୁକ୍ତଙ୍କ ଜାମିନ ଆବେଦନ ଖାରଜ ହୋଇଥିଲା। ଏହାପରେ ସମସ୍ତ ଅଭିଯୁକ୍ତମାନେ ହାଇକୋର୍ଟରେ ଜାମିନ ଆବେଦନ କରିଥିଲେ।